ଏସ୍. ଏ. ବିଲ୍ଡର୍ସ୍  ଲିମିଟେଡ୍

ବନାମ

ଆୟକର ଟିକସ ଆୟୁକ୍ତ (ଆବେଦନ)

ଚଣ୍ଡୀଗଡ଼ ଏବଂ ଅନ୍ୟଜଣେ

ଡିସେମ୍ବର 14, 2006

[ଏସ୍. ବି. ସିହ୍ନା ଏବଂ ମାର୍କଣ୍ଡେୟ କାଟଜୁ,ନ୍ୟାୟମୂର୍ତ୍ତିଦ୍ୱୟ ]

*ଆୟକର ଅଧିନିୟମ 1961:*

*ଧାରା 32AB- ବେସାମରିକ ନିର୍ମାଣରେ ନିୟୋଜିତ ଟିକସଦାତାଙ୍କ ଦ୍ୱାରା ଧାରା 32AB ଅଧୀନରେ ହ୍ରାସ ପାଇଁ ଦାବି- ନିର୍ଣ୍ଣିତ- ଗ୍ରହଣୀୟ ନୁହେଁ ।*

*ଧାରା 32AB- ଅଧୀନରେ ହ୍ରାସ -ନିର୍ଣ୍ଣିତ ଯେ କେତେକ ସର୍ତ୍ତ ପୂରଣ କରିବା ଉପରେ ଗ୍ରହଣୀୟ -ସେହି ସର୍ତ୍ତଗୁଡିକ ପୂରଣ ହୋଇଛି ବୋଲି ଦର୍ଶାଇବା ପାଇଁ ରେକର୍ଡରେ କିଛି ନାହିଁ- ନ୍ୟାୟାଧିକାରଣ ହ୍ରାସ ପାଇଁ ଦାବି କରିବା ସଠିକ୍ ଭାବରେ ପ୍ରତ୍ୟାଖ୍ୟାନ କରିଥିଲେ ।*

ବେସାମରିକ ନିର୍ମାଣ ବ୍ୟବସାୟରେ ନିୟୋଜିତ ଥିବା ଆବେଦନକାରୀ- ଟିକସଦାତା, ଆୟକର ଅଧିନିୟମ 1961ର ଧାରା 32AB ଅନୁଯାୟୀ ହ୍ରାସ ଦାବି କରିଥିଲେ । ନ୍ୟାୟାଧିକରଣ ଦୁଇଟି ଆଧାରରେ ଏହି ଦାବିକୁ ପ୍ରତ୍ୟାଖ୍ୟାନ କରିଥିଲେ । ପ୍ରଥମ ଆଧାରଟି ଥିଲା ଯେ ଟିକସଦାତା କୌଣସି ଉତ୍ପାଦନ କାର୍ଯ୍ୟକଳାପ କରୁ ନଥିଲେ ଏବଂ ଦ୍ୱିତୀୟତଃ ଧାରା 32AB ଅନୁଯାୟୀ ହ୍ରାସ ସ୍ୱୟଂକ୍ରିୟ ନଥିଲା ଏବଂ ସେହି ବ୍ୟବସ୍ଥାରେ ନିର୍ଦ୍ଧାରିତ ବିଭିନ୍ନ ସର୍ତ୍ତାବଳୀର ବଶବର୍ତ୍ତୀ ଥିଲା ଏବଂ ସେହି ସର୍ତ୍ତଗୁଡିକ ପୂରଣ ହୋଇଛି କି ନାହିଁ, ତାହା ତଥ୍ୟ ଆଧାରରେ ଯାଞ୍ଚ କରିବା ଆବଶ୍ୟକ ଥିଲା ଯାହା ରେକର୍ଡରେ ଅନ୍ତର୍ଭୁକ୍ତ ନଥିଲା । ଉଚ୍ଚ ନ୍ୟାୟାଳୟ ନ୍ୟାୟାଧିକରଣଙ୍କର ଆଦେଶ କାଏମ ରଖିଥିଲେ ।ତେଣୁ ବର୍ତ୍ତମାନର ଆବେଦନ ।

ଏହି ଆବେଦନକୁ ଖାରଜ କରି ନ୍ୟାୟାଳୟ ନିର୍ଣ୍ଣିତ କଲେ ଯେ :

ନ୍ୟାୟାଧିକରଣ ଏହାର ଆଦେଶେ ଉଲ୍ଲେଖ କରିଥିବା ଉଭୟ କାରଣ ପାଇଁ, ଟିକସଦାତା ଏହା ଦ୍ୱାରା କରାଯାଇଥିବା ହ୍ରାସ ଦାବି କରିବାକୁ ହକଦାର ନଥିଲେ।

ସି. ଆଇ. ଟି. ବନାମ ଏନ୍. ସି. ବୁଧରାଜା ଆଣ୍ଡ କୋ., (1993) 204 ITR 412, ଉଲ୍ଲେଖ କରାଯାଇଛି ।

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା  5810/2006 ।

I.T.A. ସଂଖ୍ୟା 8 and 9/2003ରେ ଚଣ୍ଡିଗଡ଼ସ୍ଥିତ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କର 23.7.2004 ତାରିଖର ଅନ୍ତିମ ରାୟ/ଆଦେଶରୁ ।

ଆବେଦନକାରୀ ତରଫରୁ ନିଧେଶ ଗୁପ୍ତା, ବିନୋଦ ଶୁକ୍ଳା, ଦୀପକ ଗୋୟଲ ଏବଂ ଏସ୍. ଜନାନୀ ଆବେଦନ କରିଥିଲେ ।

ଉତ୍ତରଦାତାମାନଙ୍କ ପାଇଁ ରବୀନ୍ଦ୍ର ଶ୍ରୀବାସ୍ତବ, ରଣବୀର ଚନ୍ଦ୍ର, ଶିଳ୍ପା ସିଂହ ଏବଂ ବି. ଭି. ବଳରାମ ଦାସ ।

ନ୍ୟାୟାଳୟଙ୍କର  ରାୟ ପ୍ରଦାନ କରାଯାଇଥିଲା ।

**ନ୍ୟାୟାଧୀଶ କାଟଜୁ, ମାର୍କାଣ୍ଡେୟ** ଙ୍କ ଦ୍ୱାରା ଅନୁମତି ପ୍ରଦାନ କରାଗଲା ।

ଏହି ଆବେଦନଟି ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କର ITA ସଂଖ୍ୟା  8-9/2003ରେ 23.7.2004 ର ଆକ୍ଷେପିତ ରାୟ ବିରୁଦ୍ଧରେ ଦାଖଲ କରାଯାଇଛି ।

ପକ୍ଷମାନଙ୍କ ତରଫରୁ ବିଦ୍ୱାନ ଓକିଲଙ୍କୁ ଶୁଣାଗଲା ଏବଂ ତଥ୍ୟକୁ ଅନୁଧ୍ୟାନ କରାଗଲା ।

ଆବେଦନକାରୀ-ଟିକସଦାତା ହେଉଛନ୍ତି ଏକ କମ୍ପାନୀ ଯାହା ବେସାମରିକ ନିର୍ମାଣ ବ୍ୟବସାୟରେ ନିୟୋଜିତ । ଏହା ଆୟକର ଅଧିନିୟମ 1961ର ଧାରା 32AB ଅଧୀନରେ ହ୍ରାସ ପାଇଁ ଦାବି କରିଥିଲା, ଯାହା ଚଣ୍ଡିଗଡ଼ର ଆୟକର ଅପିଲ ନ୍ୟାୟାଧିକରଣ (ଏହା ପରେ 'ନ୍ୟାୟାଧିକରଣ' ଭାବରେ ସୂଚିତ) ସମ୍ମୁଖରେ ଏକ ଅତିରିକ୍ତ ଆଧାର ଭାବରେ ଉଠାଯାଇଥିଲା । ନ୍ୟାୟାଧିକରଣ ଏହାର 20.6.2002 ତାରିଖର ଆଦେଶର ଅନୁଚ୍ଛେଦ 19-21 ରେ ଦୁଇଟି

ଆଧାରରେ ଟିକସଦାତାଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ପ୍ରଥମ କାରଣ ହେଉଛି ଯେ ଟିକସଦାତା ବେସାମରିକ ନିର୍ମାଣ ବ୍ୟବସାୟରେ ନିୟୋଜିତ ଥିଲେ ଏବଂ କୌଣସି ଉତ୍ପାଦନ କାର୍ଯ୍ୟକଳାପ ଚଳାଇ ନଥିଲେ । ତେଣୁ, ସି. ଆଇ. ଟି. ବନାମ ଏନ୍. ସି. ବୁଧରାଜା ଆଣ୍ଡ କୋ., (1993) 204 ITR412.ମାମଲାରେ ଏହି ନ୍ୟାୟାଳୟର ରାୟକୁ ଦୃଷ୍ଟିରେ ରଖି ଏହା ଦାବି କରିବା ଗ୍ରହଣୀୟ ନଥିଲା । ଦାବି ପ୍ରତ୍ୟାଖ୍ୟାନ କରିବାର ଦ୍ୱିତୀୟ କାରଣ ଥିଲା ଯେ ଦାବି ନଥିରେ ଥିବା ତଥ୍ୟ ଉପରେ ଆଧାରିତ ନଥିଲା । ଧାରା 32 AB ଅଧୀନରେ ହ୍ରାସ ସ୍ୱୟଂକ୍ରିୟ ନଥିଲା ଏବଂ ସେହି ବ୍ୟବସ୍ଥାରେ ନିର୍ଦ୍ଧାରିତ ବିଭିନ୍ନ ସର୍ତ୍ତାବଳୀ ଅଧୀନରେ ଥିଲା । ଟିକସଦାତା ହ୍ରାସ ଦାବି କରିବା ପାଇଁ ସେହି ସର୍ତ୍ତଗୁଡିକ ପୂରଣ କରିଛନ୍ତି କି ନାହିଁ ତାହା ଯାଞ୍ଚର ବିଷୟ ଥିଲା ଏବଂ ସେହି ବିଷୟ ଗୁଡିକ ନଥିରେ ଉପସ୍ଥିତ ନଥିଲା । ଏପରିକି ନ୍ୟାୟାଧିକରଣ ନିକଟରେ ମଧ୍ୟ ଟିକସଦାତା କୌଣସି ସାମଗ୍ରୀ ଉପସ୍ଥାପନ କରିନଥିଲେ ଯାହା ଦର୍ଶାଏ ଯେ ଟିକସଦାତା କିପରି ଭାବରେ ଏପରି ହ୍ରାସ ପାଇବାକୁ ହକଦାର ଥିଲେ । ତେଣୁ ନ୍ୟାୟାଧିକରଣ ଟିକସଦାତାଙ୍କ ଦାବି ଖାରଜ କରିଦେଇଛନ୍ତି । ଏହି ଆକ୍ଷେପିତ ରାୟ ଦ୍ୱାରା ଉଚ୍ଚ ନ୍ୟାୟାଳୟ ନ୍ୟାୟାଧିକରଣର ଦୃଷ୍ଟିକୋଣ ସହିତ ସହମତ ହୋଇଛନ୍ତି ।

ଆମେ ମଧ୍ୟ ଏହି ବିଷୟକୁ ଯତ୍ନର ସହ ବିଚାର କରିଛୁ ଏବଂ ନ୍ୟାୟାଧିକରଣ ତଥା ନ୍ୟାୟାଳୟ ସହ ଆମେ ସମ୍ପୂର୍ଣ୍ଣ ସହମତ ।

ଆମର ମତ ହେଉଛି ଯେ, ଏହାର ଆଦେଶର ଅନୁଚ୍ଛେଦ 19-21 ରେ ନ୍ୟାୟାଧିକରଣ ଦ୍ୱାରା ଉଲ୍ଲିଖିତ ଉଭୟ କାରଣ ପାଇଁ, ଟିକସଦାତା ତାଙ୍କ ଦ୍ୱାରା ଦାବି କରାଯାଇଥିବା ହ୍ରାସ ପାଇଁ ହକଦାର ନୁହଁନ୍ତି । ତେଣୁ, ଏହି ଆବେଦନରେ କୌଣସି ଯୋଗ୍ୟତା ନାହିଁ ଯାହା ସେହି ଅନୁଯାୟୀ ଖାରଜ ହୋଇଛି ।

D.G. ଆବେଦନ ଖାରଜ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।